## ଦୁର୍ଘଟଣାରେ ମତ୍ସ୍ୟଜୀବୀଙ୍କ ଜୀବନ ଗଲା

ରୂପସା,(ଡ଼ି. ଏନ. ଏ. ): ବାଲେଶ୍ୱର ସଦର ବ୍ଲକ ବାହାବଳପୁର-ହଳଦୀପଦା ରାସ୍ତାର ଚିରକୁଣି ଚଟାଣଠାରେ ସୋମବାର ରାତିରେ ଏକ ଦୁର୍ଘଟଣା ଘଟିଛି । ରୂପସା ଥାନା ଲଛମନଖୁଣ୍ଟା ଅଞ୍ଚଳର ମତ୍ସ୍ୟଜୀବୀ ସନା ମୁର୍ମୁ (୨୦)ବାଇକ ଯୋଗେ ବାହାବଳପୁର ମାଛଧରା କେନ୍ଦ୍ରରୁ କାର୍ଯ୍ୟ ସାରି ଘରକୁ ଫେରୁଥିଲେ । ଏହି ଚଟାଣଠାରେ ସାମ୍ନାରୁ ଆସୁଥିବା ଏକ ଭ୍ୟାନ ସହ ବାଇକର ଧକ୍କା ହୋଇଥିଲା । ଗୁରୁତର ଅବସ୍ଥାରେ ମତ୍ସ୍ୟଜୀବୀଙ୍କୁ ବାଲେଶ୍ୱର ମୁଖ୍ୟଚିକିତ୍ସାଳୟ ନିଆଯାଇଥିଲା। ହେଲେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯାଇଛି ।

## ସଂକ୍ଷେପରେ

### ଖେଳପଡ଼ିଆ କାର୍ଯ୍ୟ ତଦାରଖ କଲେ ଅମ୍ବୁଡ୍ସମ୍ୟାନ୍

ବନ୍ତ,୧୩।୪(ଡି.ଏନ୍.ଏ./ସ୍ୱ.ପ୍ର.): ଭଦ୍ରକ ଜିଲା ବନ୍ତ ବ୍ଲକ ଗୋପିନାଥପୁରସ୍ଥିତ ବିଦ୍ୟାଳୟ ଖେଳ ପଡ଼ିଆ କାର୍ଯ୍ୟକୁ ଆମ୍ବୁଡସମ୍ୟାନ୍ ଲଳିତା ସାହୁ ତଦାରଖ କରିଛନ୍ତି। ସରପଞ୍ଚ ଅଶୋକ ଦାସ, ଗ୍ରାମ ରୋଜଗାର ସେବକ ସୁବୋଧ ରାଉତ, ଗ୍ରାମବାସୀ ଉମାକାନ୍ତ ବେହେରା, ରମେଶ ଜେନା ପ୍ରମୁଖଙ୍କ ଉପସ୍ଥିତିରେ କାର୍ଯ୍ୟ ବିଷୟରେ ଆଲୋଚନା ହୋଇଥିଲା। ଉକ୍ତ ପଡ଼ିଆରେ ଅଳ୍ପ ମାଟି ପଡ଼ିଥିବାରୁ ସମ୍ପୂର୍ଣ୍ଣ ମାଟି ପକାଇ ପୂରଣ କରିବାକୁ ଗ୍ରାମବାସୀ କହିଥିଲେ। ଫଳରେ ଏସବୁ କାର୍ଯ୍ୟ ପୂରଣ ହେବା ପରେ ବିଲ୍ ହେବ ବୋଲି ଆମ୍ବୁଡସମ୍ୟାନ୍ କହିଥିଲେ । ଉଲ୍ଲେଖ ଯେ, ଗତ ୨୦୨୦-୨୧ ଆର୍ଥିକ ବର୍ଷରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଏହି ଖେଳ ପଡିଆ ଉନ୍ନତିକରଣ ପାଇଁ ୨ ଲକ୍ଷ ୧୩ ହଜାର ଟଙ୍କା ଆର୍ଥିକ ଅନୁଦାନ ଆସିଥିଲା। ଉକ୍ତ କାର୍ଯ୍ୟ ଠିକ୍ ଭାବେ ହୋଇ ନ ଥିବା ନେଇ ଗ୍ରାମବାସୀ ମାନେ ବ୍ଲକ ଓ ଜିଲା ପ୍ରଶାସନଙ୍କ ଠାରେ ଅଭିଯୋଗ କରିଥିଲେ।

### ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

ପାଟଣା,୧୩।୪(ସ୍ୱ. ପ୍ର.):କେନ୍ଦୁଝର ଜିଲା ପାଟଣା ଥାନା ସାହାରପଡା ଫାଣ୍ଡି ଅନ୍ତର୍ଗତ ବିଲାସାହାରପଡା ରାସ୍ତାର ବରବେଡା ବାଙ୍କ ନିକଟରେ ମଙ୍ଗଳବାର ଅପରାହ୍ନରେ ଭାରସାମ୍ୟ ହରାଇ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ତୁରୁମୁଙ୍ଗା ଥାନା ରାମଚନ୍ଦ୍ରପୁର ଗାଁର ସରୋଜ କୁମାର ମହାନ୍ତ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରା ଯାଇଥିଲେ ହେଁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

### ନକଲି ମଦ କାରଖାନାରେ ଚଢ଼ାଉ

ରାଇରଙ୍ଗପୁର,୧୩।୪(ଡି.ଏନ.ଏ): ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଅବକାରୀ ପୋଲିସ ମଙ୍ଗଳବାର ପୁରୁଣାପାଣି ଗ୍ରାମରେ ଥିବା ଏକ ନକଲି ମଦ କାରଖାନାରେ ଚଢ଼ାଉ କରିଛି। ସେଠାରୁ ୧୦ ଲିଟର ନକଲି ମଦ,୧୫ ଲିଟର ସ୍ପିରିଟ, ବିଭିନ୍ନ ବ୍ରାଣ୍ଡର ବିଦେଶୀମଦ ବୋତଲ, ଷ୍ଟିକର, ଠିପି, ଖାଲି ମଦ ବୋତଲ ସମେତ ବିଭିନ୍ନ ସରଞ୍ଜାମ ଜବତ କରାଯାଇଛି। ଏହି ଘଟଣାରେ ନକଲି କାରଖାନାର ମାଲିକ ଅର୍ଜୁନ ବାରିକଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଅବକାରୀ ସର୍କଲ ଇନ୍ସପେକ୍ଟର ବାସନ୍ତୀ ସିର୍କାଙ୍କ ନେତୃତ୍ୱରେ ରାଇରଙ୍ଗପୁର ଅବକାରୀ ଥାନା ଅଧିକାରୀ ହରିହର ସିଂହଙ୍କ ସମେତ ସଦଳବଳେ ଏହି ଚଢ଼ାଉ କରିଥିଲେ। ଏନେଇ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା (ନଂ.୮/୨୧) ରୁଜୁ ହୋଇଛି।

### ୩ ଚୋରା ମଦ ବେପାରୀ ଗିରଫ

ସୋର,୧୩।୪(ଡି.ଏନ୍.ଏ.):ସୋର ଅବକାରୀ ବିଭାଗ ତରଫରୁ ସିମୁଳିଆ ଅଞ୍ଚଳରେ ଚଢାଉ କରାଯାଇ ବିପୁଳ ପରିମାଣର ମଦ ଜବତ କରାଯବା ସହ ଏଥିରେ ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରାଯାଇଛି। ସୋର ଥାନା ଅବକାରୀ ଅଧିକାରିଣୀ ସ୍ୱାତୀ ପଟ୍ଟନାୟକ ଏବଂ ନୀଳଗିରି ଅବକାରୀ ଅଧିକାରୀ ନାରାୟଣ ବେହେରାଙ୍କ ତତ୍ତ୍ୱାବଧାନରେ ଚଢାଉ କରାଯାଇଥିଲା। ଗିରଫ ୩ଜଣ ହେଲେ ସିମୁଳିଆ ଥାନା ବରଦା ଗ୍ରାମର ରବୀନ୍ଦ୍ର ପାଢ଼ୀ, ବନ୍ତିଆ ଗ୍ରାମର ଜଗବନ୍ଧୁ ଶିଅଳ, ମାର୍କୋଣା ଗ୍ରାମର ସାବିତ୍ରୀ ଶିଅଳ।

# ସରିଲା ଚନ୍ଦନେଶ୍ୱର ମହାଦେବଙ୍କ ଚଡ଼କମେଳା

ଭୋଗରାଇ, ୧୩।୪(ଡି.ଏନ.ଏ.)


ଶିବଙ୍କ ଘଟ ସେବାୟତ ଓ ଭକ୍ତମାନେ ମୁଣ୍ଡରେ ଧରି ଶୋଭାଯାତ୍ରାରେ ଯାଉଛନ୍ତି।

କୋଭିଡ୍ କଟକଣା ମଧ୍ୟରେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଚନ୍ଦନେଶ୍ୱର ମହାଦେବଙ୍କ ବିଶ୍ୱପ୍ରସିଦ୍ଧ ଚୈତ୍ର ଚଡ଼କମେଳା ଅନ୍ତିମ ଦିବସ ପାଟ ଉତ୍ସବ ଉଦ୍ଯାପିତ ହୋଇଯାଇଛି। ମଙ୍ଗଳବାର ଏଥିପାଇଁ ଚନ୍ଦନେଶ୍ୱର ମହାଦେବଙ୍କ କୌଳିକ ନୀତିକାନ୍ତିରେ ପୂଜାର୍ଚ୍ଚନା କରାଯାଇଥିଲା। ୧୪ଜଣ ଉପବୀତଧାରି ଭକ୍ତ ସହ ସେବାୟତ, ପୂଜାରୀ, ଟ୍ରଷ୍ଟବୋର୍ଡ଼ର ସଦସ୍ୟ, ବାଦ୍ୟକାରମାନେ ମନ୍ଦିରରୁ ବାହାରି ବାଡ଼ସରିଷା ହାକାଣ୍ଡ ପୋଖରୀରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ସେଠାରେ ଶିବଦୁର୍ଗା ଘଟକୁ ସ୍ଥାପନ କରି ଫୁଲମାଳ ଚନ୍ଦନରେ ବିଶ୍ୱାସର ଠାକୁରଙ୍କୁ ସ୍ମରଣ କରି ପରସ୍ପର ମଧ୍ୟରେ ଭାତୃତ୍ୱର ବନ୍ଧନକୁ ଅତୁଟ ରଖିବା ନିମନ୍ତେ ମାଳା ଚନ୍ଦନ ପର୍ବ ମନାଇଥିଲେ। କୋଭିଡ୍ ନିୟମକୁ ମାନି ସୀମିତ ଭକ୍ତ ଓ ସେବାୟତମାନେ ହାକାଣ୍ଡ ପୋଖରୀରୁ ଶିବଦୁର୍ଗା ଘଟକୁ ମୁଣ୍ଡରେ ନେଇ ପୁଷ୍ପଶୋଭିତ ଶୋଭଯାତ୍ରାରେ ମନ୍ଦିର ବିଜେ କରିଥିଲେ। ଏହି ବିରଳ ବର୍ଣ୍ଣାଢ଼୍ୟ ଦୃଶ୍ୟକୁ ଦେଖିବା ନିମନ୍ତେ ଚନ୍ଦନେଶ୍ୱର-ବର୍ଡ଼ର ଉଭୟ ରାସ୍ତାପାର୍ଶ୍ୱରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ଚନ୍ଦନେଶ୍ୱର ମହାଦେବଙ୍କ ହରିବୋଲ ଧ୍ୱନୀ ସହ ସାହାନାଇ ବାଦ୍ୟ, ଶଙ୍ଖ ହୁଳୁହୁଳି, ଝାଲିଘଣ୍ଟ ବାଦ୍ୟ, ରୋଷଣୀରେ ଚନ୍ଦନେଶ୍ୱର ପୀଠ ଏକପ୍ରକାର ଧର୍ମୀୟ ଭାବଧାରାରେ ଉଛୁଳି ପଡ଼ିଥିଲା। ଦୁଇବର୍ଷ ଧରି ଜୀଉଙ୍କଠାରେ ଅସଂଖ୍ୟ ଉପବୀତଧାରୀ ଭକ୍ତ ନ ଥିବାବେଳେ ଦଶନଖି, ଆଠନଖି ଏବଂ ଭଗବାନଙ୍କଠାରେ କୁଚ୍ଛ ସାଧନା କରୁଥିବା ଭକ୍ତମାନେ ନିଜ ଶରୀର ଏବଂ ଜିହ୍ୱାରେ ଲୁହାକଣ୍ଟା ଫୋଡ଼ିବା ଦୃଶ୍ୟ କରୋନା କାଳରେ ମଳିନ ପଡ଼ିଥିଲା। ସନ୍ଧ୍ୟାରେ ମନ୍ଦିର ମଧ୍ୟରେ ଶିବଦୁର୍ଗାଙ୍କ ପୂଜାର୍ଚ୍ଚନା କରାଯାଇ କୂଳ ପାଉ ନ ଥିବା ଜଳଯନ୍ତ୍ର ଦେବତାଙ୍କଠାରେ ଜୀଉଙ୍କ ଶ୍ରେଷ୍ଠ ଭକ୍ତ ପାଟଭକ୍ତ, ଦେଉଳିଆ, ଶ୍ରୀବେକିଡି, ୧୪ଉପବୀତଧାରୀ ଭକ୍ତମାନେ ମନସ୍କାମନା ପୂର୍ଣ୍ଣ ଶେଷ ଅର୍ଘ୍ୟ ପ୍ରଦାନ କରି ୧୨ଦିନ ଧରି ବ୍ରତ ପାଳନ ଶେଷ କରିଥିଲେ। ଅପରପକ୍ଷରେ ଏସିଆର ସର୍ବବୃହତ୍ ଶିବଲିଙ୍ଗ ଭୁଷଣ୍ଡେଶ୍ୱର ମହାଦେବ ଓ କୁମ୍ଭାରମୂଳୀ ଗ୍ରାମସ୍ଥିତ ଧବଳେଶ୍ୱର ମହାଦେବଙ୍କଠାରେ ନିରାଡ଼ମ୍ବର ଭାବେ ପାଟ ଉତ୍ସବ ଉଦ୍ଯାପିତ ହୋଇଛି। ବୁଧବାର ମହାବିଷୁବ ସଂକ୍ରାନ୍ତି ଏବଂ ଓଡ଼ିଆ ନବବର୍ଷ ନିମନ୍ତେ ତାଳସାରୀ ସମୁଦ୍ର କୂଳରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ ଓ ନୂତନବର୍ଷ କରୋନାମୁକ୍ତ ହୋଇ ସୁଖ, ଶାନ୍ତି ଓ ସମୃଦ୍ଧିର ବର୍ଷ ହେଉ ବୋଲି ଜୀଉଙ୍କଠାରେ ଶ୍ରଦ୍ଧାଳୁମାନେ ପ୍ରାର୍ଥନା କରିଥିଲେ। ଏହି ପ୍ରସିଦ୍ଧ ପାଟ ଉତ୍ସବକୁ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଭୋଗରାଇ ବିଧାୟକ ଅନନ୍ତ ଦାସ, ତହସିଲଦାର କମଳାକାନ୍ତ ପଣ୍ଡା, ମୌରସି ନ୍ୟାଶି ପବନ ପଣ୍ଡା, ସେବାୟତ ବୁଦ୍ଧଦେବ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

# ନାବାଳିକାଙ୍କୁ ଦୁର୍ବ୍ୟବହାର ଅଭିଯୋଗ, ଥାନାରେ ମାମଲା

ଖଇରା,୧୩।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଜଣେ ଶିକ୍ଷକ ଦୁର୍ବ୍ୟବହାର କରିଥିବା ନେଇ ଅଭିଯୋଗ ହୋଇଛି। ଖଇରା ପୋଲିସ ଉକ୍ତ ଶିକ୍ଷକ ରବୀନ୍ଦ୍ର ମହାନ୍ତିଙ୍କ ନାମରେ ଏକ ମାମଲା (ନଂ.୮୯/୨୧) ରୁଜୁ କରିଛି।

ନାବାଳିକାଙ୍କ ମା'ଙ୍କ ଅଭିଯୋଗ ଅନୁଯାୟୀ ସେ ଓ ତାଙ୍କ ଝିଅ ସ୍କୁଟିରେ ୧୨ତାରିଖରେ ଔପଦା ବ୍ଲକରୁ କାମ ସାରି ଖଇରାସ୍ଥିତ ଭଡା ଘରକୁ ଫେରୁଥିଲେ। ବାଟରେ ଗାଡି ପଙ୍କଚର ହେବାରୁ ସେମାନେ ଗାଡି ଗଡାଇ ଗଡାଇ ଆସୁଥିଲେ। ଏହି ସମୟରେ ଶିକ୍ଷକ ରବୀନ୍ଦ୍ର ମହାନ୍ତି ପଛରୁ ବାଇକରେ ଆସି ତାଙ୍କ ଝିଅକୁ ଲିଫ୍ଟ ଦେବା କଥା କହି ଖଇରା ଆଣିଥିଲେ । ରାସ୍ତାରେ ଝିଅ ସହ ଦୁର୍ବ୍ୟବହାର କରିଥିବା ନେଇ ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି । ସେହିଭଳି ରବୀନ୍ଦ୍ରଙ୍କ ସ୍ତ୍ରୀ ସାବିତ୍ରୀଙ୍କ ଅଭିଯୋଗ ଅନୁଯାୟୀ ଖଇରା ପୋଲିସ ମନୋଜ ସ୍ୱାଇଁଙ୍କ ନାମରେ ଅନ୍ୟ ଏକ ମାମଲା(ନଂ. ୯୦/୨୧) ରୁଜୁ କରିଛି । ସାବିତ୍ରୀ ପତିରାଜପୁର ମେଳା ବୁଲିବାକୁ ଯାଇଥିବା ବେଳେ ମନୋଜ ଆପତ୍ତିଜନକ ବ୍ୟବହାର କରିଥିବା ନେଇ ଅଭିଯୋଗରେ ଉଲ୍ଲେଖ କରିଛନ୍ତି । ଖଇରା ଥାନା ଆଇଆଇସି ସୁବ୍ରତ ବେହେରାଙ୍କୁ ଯୋଗାଯୋଗ କରିବାରେ ଉଭୟ ଘଟଣାର ତଦନ୍ତ ଚାଲିଛି । ସରିବା ପରେ ସତ୍ୟାସତ୍ୟ ଜଣାପଡିବ ବୋଲି କହିଛନ୍ତି।

# ଅନଲାଇନ୍‌ରେ ପରୀକ୍ଷା ପାଇଁ ଦାବି


ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଛାତ୍ରୀଛାତ୍ରଙ୍କ ଧାରଣା

ବାଲେଶ୍ୱର ଅଫିସ, ୧୩।୪

ବାଲେଶ୍ୱର ଜିଲା ଫକୀରମୋହନ ଜୁନିୟର କଲେଜର ଯୁକ୍ତ ୨ ପରୀକ୍ଷା ଅନଲାଇନ୍‌ରେ କରିବା ପାଇଁ ଛାତ୍ରୀଛାତ୍ରମାନେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ନିକଟରେ ମଙ୍ଗଳବାର ଦାବିପତ୍ର ପ୍ରଦାନ କରିଛନ୍ତି। ମହାମାରୀ କରୋନା ସଙ୍କଟ ଦିନକୁ ଦିନ ବଢ଼ିଚାଲିଥିବା ବେଳେ ମହାବିଦ୍ୟାଳୟରେ ଅଫଲାଇନ୍ ପରୀକ୍ଷା ଛାତ୍ରୀଛାତ୍ରଙ୍କ ପାଇଁ ସୁରକ୍ଷିତ ନୁହେଁ। ଛାତ୍ରୀଛାତ୍ରମାନେ ବିଭିନ୍ନ ଅଞ୍ଚଳରୁ ଆସୁଥିବା ବେଳେ ଏଯାଏ ସରକାରଙ୍କ ପକ୍ଷରୁ ପ୍ରତିଷେଧକ ଟିକାର ବ୍ୟବସ୍ଥା କରାଯାଇ ନାହିଁ। ପରୀକ୍ଷା ବେଳେ ସଂକ୍ରମଣ ବଢ଼ିବା ଆଶଙ୍କା କରି ଛାତ୍ରୀଛାତ୍ରମାନେ ଅନ୍‌ଲାଇନ୍‌ରେ ପରୀକ୍ଷା ପାଇଁ ଦାବି କରି ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ କିଛି ସମୟ ଧାରଣା ଦେଇଥିଲେ। ପ୍ରତୀକ ଧଳ, କାଳିନ୍ଦ୍ର ରଣଜିତ୍, ସତ୍ୟ ପ୍ରକାଶ ମାଝି, ଅରବିନ୍ଦ ଦେ, ରାଜାରାମ ଗୋଲ, ସୁଦର୍ଶନ ଦାସ, ଜୟନ୍ତ କୁମାର ମଲ୍ଲିକ, ସୋନାଲି ବେହେରା, ଲିପି ସୁଭ୍ରା ପଣ୍ଡା, ହରପ୍ରିୟା ବେହେରା, ପାର୍ବତୀ ସୋରେନ, ସୁଚିସ୍ମିତା ସାହୁ ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ।

# ମହିଳାଙ୍କୁ ପୋଡ଼ି ହତ୍ୟା ଅଭିଯୋଗ

ଜଳେଶ୍ୱର,୧୩।୪(ଡି.ଏନ.ଏ.)

**ତଦନ୍ତ ଆରମ୍ଭ କଲା ସାଇଣ୍ଟିଫିକ୍ ଟିମ୍**

ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଧୀନ ଚକହରୀ ଗ୍ରାମରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ପରକୀୟା ପ୍ରୀତିକୁ ବିରୋଧ କରିବାରୁ ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ପୋଡ଼ି ହତ୍ୟା କରିଥିବା ନେଇ ମହିଳାଙ୍କ ବାପ ଘର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା(ନଂ.୧୩୧/୨୧) ରୁଜୁ କରିଛି। ଅଭିଯୋଗକୁ ଭିତ୍ତି କରି ପୋଲିସ ତାଙ୍କ ସ୍ୱାମୀଙ୍କୁ ଗିରଫ କରିଛି। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳକୁ ଆସି ପରୀକ୍ଷା ନୀରିକ୍ଷା କରିବା ପରେ ଶବ ବ୍ୟବଚ୍ଛେଦ ଲାଗି ବ୍ୟବସ୍ଥା କରାଯାଇଛି। ମହିଳାଙ୍କ କକା କାଙ୍ଗାଳି ଦାସଙ୍କ ଅଭିଯୋଗ ଅନୁଯାୟୀ, ମହୁଲିଆ ଗାଁର କାଳିଚରଣ ଦାସଙ୍କ ଝିଅ କାବେରିଙ୍କୁ ଚକହରି ଗ୍ରାମର ପୂର୍ଣ୍ଣଚନ୍ଦ୍ର ଦାସ ବୈଦିକ ରୀତିରେ ବିବାହ କରିଥିଲେ। ପୂର୍ଣ୍ଣଚନ୍ଦ୍ର ସ୍ଥାନୀୟ ଏକ ଇଟାଭାଟିରେ କାର୍ଯ୍ୟ କରି ଆସୁଥିଲେ। ସେଠାରେ ଜଣେ ମହିଳାଙ୍କ ସହ ତାଙ୍କର ପ୍ରେମସମ୍ପର୍କ ଗଢ଼ି ଉଠିଥିଲା। ଏହାକୁ କାବେରି ବିରୋଧ କରିବାରୁ ପୂର୍ଣ୍ଣଚନ୍ଦ୍ର ତାଙ୍କୁ ମାରପିଟ୍ କରୁଥିଲେ। ଏନେଇ ଉଭୟ ପରିବାର ମଧ୍ୟରେ ଆଲୋଚନା ପରେ ଆପୋଷ ସମାଧାନ ହୋଇଥିଲା। ସୋମବାର ରାତିରେ ଜଣେ ମହିଳାଙ୍କ ଏକ ଫୋନ୍‌କଲ୍‌କୁ କେନ୍ଦ୍ର କରି ପରିବାର ମଧ୍ୟରେ ଅଶାନ୍ତି ହୋଇଥିଲା। କାବେରିଙ୍କୁ ରାସ୍ତାରୁ ହଟାଇବା ଲାଗି ପୂର୍ଣ୍ଣଚନ୍ଦ୍ର ଯୋଜନାବଦ୍ଧ ଭାବେ ଏକ କାଠଫାଳିଆରେ ପିଟି ପିଟି ମାରିଦେଇଥିଲେ। ଏହାପରେ ମୃତଦେହକୁ ମଧ୍ୟରାତ୍ରରେ ସୁବର୍ଣ୍ଣରେଖା ନଦୀପଠା ଝାଉଁ ଜଙ୍ଗଲକୁ ଆଣି ସେଠାରେ କିରୋସିନ ଢାଳି ନିଆଁ ଲଗାଇ ପୋଡି ଦେଇଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ସକାଳେ ଗ୍ରାମବାସୀ ଅଧାପୋଡ଼ା ମୃତଦେହକୁ ଚିହ୍ନଟ କଲା ପରେ ବାପଘର ଲୋକଙ୍କୁ ଖବର ଦେଇଥିଲେ। ବାପଘର ଲୋକେ ଏ ସମ୍ପର୍କରେ ଜଳେଶ୍ୱର ଥାନାକୁ ଜଣାଇବା ପରେ ଥାନା ଆଇଆଇସି ମାନସ ଦେଓ ଓ ସତ୍ୟନାରାୟଣ ବଳ ପହଞ୍ଚି ମୃତଦେହକୁ ଜବତ କରିଥିଲେ। କାବେରିଙ୍କ ଦୁଇ ପୁଅ ଓ ଜଣେ ବିବାହିତ କନ୍ୟା ଅଛନ୍ତି।

# ତେଲକୋଇରେ ବାଟବଳାଣୀ ପୂଜା

ତେଲକୋଇ, ୧୩।୪(ଡି.ଏନ.ଏ.)

ଆଦିବାସୀ ବହୁଳ ତେଲକୋଇ ଅଞ୍ଚଳର ନିଆରା ପରମ୍ପରା। ଏହି ପରମ୍ପରାକୁ ବାଟବଳାଣୀ କୁହାଯାଏ। ଏଥି ସହିତ ଗୋରୁ ରହୁଥିବା ଗୁହାଳ ଘରକୁ ମଧ୍ୟ ପୂଜା କରାଯାଇ ଗୋରୁଙ୍କୁ ସିନ୍ଦୁର ଓ ଫୁଲମାଳ ଦିଆଯାଏ। ପଣା ସଂକ୍ରାନ୍ତି ପୂର୍ବ ମଙ୍ଗଳବାର ଦିନ ଏହି ପୂଜା କରାଯାଇଥାଏ। ତେଲକୋଇ ଅଞ୍ଚଳ ସମେତ ଖୁଣ୍ଟାପଡା, ସିରିଗିଡା, ଦେଉଳଡିହା, ଆକୁଳ ସମେତ ସବୁ ଗ୍ରାମରେ ଏହି ପରମ୍ପରା ରହିଛି। କୋଭିଡ କଟକଣାକୁ ଦୃଷ୍ଟିରେ ରଖି ସମସ୍ତେ ମାସ୍କ ପିନ୍ଧିବା ସହ ସାମାଜିକ ଦୂରତା ବଜାୟ ରଖି ଏହି ପୂଜା କରିଛନ୍ତି। ଏହି ପରମ୍ପରା ଭାଇଚାରାର ନିଦର୍ଶନ ଥିବା ବେଳେ ଅନ୍ୟ ସମ୍ପ୍ରଦାୟ ଲୋକେ ସାମିଲ ହୋଇଛନ୍ତି ।

# ଜିଲାସ୍ତରୀୟ ପ୍ରଶିକ୍ଷକ କର୍ମଶାଳା



ପ୍ରଶିକ୍ଷକ କର୍ମଶାଳାରେ ଉପସ୍ଥିତ ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସଙ୍କ ସହ ଅନ୍ୟମାନେ।

ଭଦ୍ରକ ଅଫିସ,୧୩।୪

ଜିଲା ସଂସ୍କୃତି ଭବନ ପରିସରରେ ଜିଲାର ପଛୁଆବର୍ଗ ଲୋକଙ୍କ ସାମାଜିକ ଓ ଶିକ୍ଷା ବ୍ୟବସ୍ଥାର ସର୍ଭେ କାର୍ଯ୍ୟ ନିମନ୍ତେ ନିଯୁକ୍ତ ପ୍ରଶିକ୍ଷକମାନଙ୍କର ଏକ ଜିଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଜିଲାର ବିଭିନ୍ନ ବ୍ଲକ ଓ ପୌରାଞ୍ଚଳରୁ ଆସିଥିବା ମାଷ୍ଟର ଟ୍ରେନର ଭାବେ ବିଡିଓ ଓ ସମନ୍ୱିତ ଶିଶୁ ବିକାଶ ଯୋଜନାର ସୁଭରଭାଇଜରମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏହି ମାଷ୍ଟର ଟ୍ରେନରମାନେ ସେମାନଙ୍କ ବ୍ଲକ ତଥା ପୌରାଞ୍ଚଳରେ ସର୍ଭେ କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କୁ ପ୍ରଶିକ୍ଷିତ କରାଇବେ। ଏହି ସର୍ଭେ କାର୍ଯ୍ୟ ମେ ୧ ତାରିଖରୁ ଆରମ୍ଭ ହୋଇ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଶିକ୍ଷଣ କର୍ମଶାଳାରେ ଅତିରିକ୍ତ ଜିଲାପାଳ ଇନ୍ଦ୍ରମଣି ନାୟକ, ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ, ଉପଜିଲାପାଳ ପୀତାମ୍ବର ସାମଲ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର ପଣ୍ଡା, ଅତିରିକ୍ତ ଉପଜିଲାପାଳ ମନୋରମା ଭୁୟାଁ ପ୍ରମୁଖ ଯୋଗଦେଇ ମାଷ୍ଟର ଟ୍ରେନରଙ୍କୁ ପ୍ରଶିକ୍ଷିତ କରାଇଥିଲେ।

# ଭତ୍ତା ବାଣ୍ଟିଲେ ବିଧାୟକ

ବାସୁଦେବପୁର,୧୩।୪(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକାର ୨୩ ୱାର୍ଡ଼ ଓ ବ୍ଲକର ୩୬ ପଞ୍ଚାୟତରୁ ଯୋଗ୍ୟ ବିବେଚିତ ହିତାଧିକାରୀଙ୍କୁ ସ୍ଥାନୀୟ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ମଙ୍ଗଳବାର ଭତ୍ତା ବଣ୍ଟନ କରିଛନ୍ତି। ପୂର୍ବାହ୍ନରେ ୧୦ଟାରେ ପୌରପାଳିକା କାର୍ଯ୍ୟାଳୟରେ ୨୦ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତା ବିଧାୟକ ରାଉତରାୟ ବଣ୍ଟନ କରିଥିଲେ। ଏହି ଉତ୍ସବରେ ପୌର ନିର୍ବାହୀ ଅଧିକାରୀ ଲଗ୍ନଜିତ ବେହେରା ଉପସ୍ଥିତ ଥିଲେ। ସେହିପରି ନୀଳମଣି ଟାଉନ ହଲଠାରେ ପୂର୍ବାହ୍ନ ୧୧ରେ ପଞ୍ଚାୟତର ୪୮୬ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା। ଏହି ଉତ୍ସବରେ ବିଡିଓ ପ୍ରଣବ କୁମାର ବେହେରା, ବାଲିମେଦ ସରପଞ୍ଚ ପ୍ରଫୁଲ୍ଲ କୁମାର ପଳିତା, ଇରମ ସରପଞ୍ଚ ପ୍ରଫୁଲ୍ଲ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଆକ୍ରମଣରେ ଆହତ ବ୍ୟକ୍ତିଙ୍କ ମୃତ୍ୟୁ

ବାସୁଦେବପୁର,୧୩।୪(ଡି.ଏନ.ଏ.)

**ବାପ ପୁଅ ଅଟକ**

ଭଦ୍ରକ ଜିଲା ବାସୁଦେବପୁର ଥାନା ଅଧୀନ ନୂଆଗାଁ ଗ୍ରାମରେ ପୂର୍ବ ବିବାଦକୁ ନେଇ ବଚସା ଓ ଗୋଟିଏ ପରିବାରର ଆକ୍ରମଣରେ ଆହତ ହୋଇ କଟକ ଡାକ୍ତରଖାନାରେ ଚିକିତ୍ସାଧିନ ଥିବା ପ୍ରଶାନ୍ତ ମାଝି (୪୫)ଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମା' ବାସନ୍ତୀ ମାଝିଙ୍କ ଅଭିଯୋଗକ୍ରମେ ଥାନାରେ ଏକ ହତ୍ୟା ମାମଲା (ନଂ. ୧୨୧/୨୧) ରୁଜୁ ହୋଇଛି। ଏହି ଘଟଣାରେ ଆକ୍ରମଣକାରୀ ବାପ ଓ ପୁଅଙ୍କୁ ପୋଲିସ ଅଟକ ରଖି ପଚରା ଉଚରା କରୁଛି। ଗତ ୮ ତାରିଖରେ ପ୍ରଶାନ୍ତଙ୍କୁ ତାଙ୍କର ଏକ ପଡ଼ୋଶୀ ପରିବାର ମାଡ଼ ମାରି ଆହତ କରିଥିଲେ। ତାଙ୍କୁ ପ୍ରଥମେ ବାସୁଦେବପୁର ଓ ପରେ ସୋର ଡାକ୍ତରଖାନାରେ ଚିକିତ୍ସା ପାଇଁ କରାଯାଇଥିଲା। ପରେ ୧୦ ତାରିଖରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲେ ମଧ୍ୟ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ପ୍ରଶାନ୍ତଙ୍କ ମା'ଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ୪ ଜଣଙ୍କ ନାଁରେ ମାମଲା ରୁଜୁ କରିଛି। ବାସୁଦେବପୁର ପୋଲିସ ମଙ୍ଗଳବାର ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଛି।

# ୩ ଶିକ୍ଷକଙ୍କୁ ସେବା ନିବୃତ୍ତ ସମ୍ବର୍ଦ୍ଧନା

ଖଇରା, ୧୩।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଡୁଙ୍ଗୁରା ଦର୍ଶନ ପ୍ରସାଦ ହାଇସ୍କୁଲରୁ ନିକଟରେ ଅବସର ଗ୍ରହଣ କରିଥିବା ପ୍ରଧାନଶିକ୍ଷକ ନିର୍ମଳ କୁମାର ପଣ୍ଡା, ସହକାରୀ ଶିକ୍ଷୟିତ୍ରୀ ଅଳକାରାଣୀ ଗିରି, ୪ର୍ଥ ଶ୍ରେଣୀ କର୍ମଚାରୀ ବିମ୍ବଲତା ପୃଷ୍ଟିଙ୍କ ଅବସର ପରିପ୍ରେକ୍ଷୀରେ ଦୁଇ ପର୍ଯ୍ୟାୟରେ ସମ୍ବର୍ଦ୍ଧନା ସଭା ସୋମବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମାୟାଧର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରଥମେ ଅଧିବେଶନରେ ଏବିଇଓ ଶ୍ରୀଧର ବେହେରା, ଓଷ୍ଟାର ପୂର୍ବତନ ଜିଲା ସଭାପତି ପଦ୍ମଲୋଚନ ଦାସ, ଖଇରା ମଣ୍ଡଳ ସଭାପତି ଦୀନବନ୍ଧୁ ଦାଶ, ସମ୍ପାଦକ ଷଡାନନ ପାଣିଗ୍ରାହୀ, ଶିକ୍ଷାଦର୍ପଣ ସମ୍ପାଦକ ତପନ ତ୍ରିପାଠୀ, ସରପଞ୍ଚ କଲ୍ୟାଣି ମାଝି ଅତିଥି ଭାବେ ଉପସ୍ଥିତ ଥିଲେ । ଦ୍ୱିତୀୟ ଅଧିବେଶନରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଉଦୟ ଚରଣ ନାୟକ ପୌରୋହିତ୍ୟ କରିଥିଲେ। ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିରାଜ କୁମାର ପାଢୀ, ଡୁଙ୍ଗୁରା ପଞ୍ଚାୟତର ସମିତିସଭ୍ୟ ପ୍ରକାଶ କୁମାର ଲେଙ୍କା, ପ୍ରଧାନ ଶିକ୍ଷକ ମାୟାଧର ସାହୁ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ।

# ପଦୁନାରେ ବିଶ୍ୱଶାନ୍ତି ମହାଯଜ୍ଞ

ଖଇରା, ୧୩।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ପଦୁନାଠାରେ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ବୁଧବାରରୁ ଶନିବାର ଅନୁଷ୍ଠିତ ହୋଇଯାଇଛି । ଜଗନ୍ନାଥ ମଣ୍ଡଗଜ, ବୁଲବୁଲ ଜେନା, ମାର୍କଣ୍ଡ ସୂତାର, ମଧୁସୂଦନ ସୂତାର, କାହ୍ନୁ ଚରଣ ଜେନା, ବିଦ୍ୟାଧର ସାହୁ, ଅକ୍ଷୟ ସାହୁ, ପିତାମ୍ବର ମହାରଣାଙ୍କ ଦ୍ୱାରା କଳସ ଅଣାଯାଇଥିଲା। ଗୋବିନ୍ଦ ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପଣ୍ଡିତ ଓ ଆଚାର୍ଯ୍ୟଙ୍କ ଦ୍ୱାରା ଲକ୍ଷ୍ମୀନାରାୟଣଙ୍କ ପୂଜା ଓ ଯଜ୍ଞାଦି କର୍ମ ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ କଣ୍ଠଶିଳ୍ପୀ କୁମାର ବାପି, ଭଜନ ଗାୟିକା ଦେବଦାସୀ କଳ୍ପନା ନାୟକ ଓ ନମିତା ଦାଶଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା। କମିଟି ସଭାପତି ଜଗନ୍ନାଥ ମଣ୍ଡଗଜ, ଭୋଳାନାଥ ସେଠୀ, କୋଷାଧ୍ୟକ୍ଷ ଜଗବନ୍ଧୁ ରାଉଳଙ୍କ ସମେତ ସମସ୍ତ ସଭ୍ୟ ଯଜ୍ଞ ପରିଚାଳନାରେ ସହଯୋଗ କରିଥିଲେ ।

# କ୍ରିକେଟ: ଡିଆର୍‌କେ-ଏ ଚାମ୍ପିୟନ

ବାରିପଦା ଅଫିସ,୧୩।୪



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ।

ବାରିପଦା ଷ୍ଟାଡିୟମରେ ଓଡ଼ିଶା କ୍ରିକେଟ ଆସୋସିଏସନ ଓ ମୟୂରଭଞ୍ଜ ଆଥ୍‌ଲେଟିକ ଆସୋସିଏସନ ଆନୁକୂଲ୍ୟରେ ଅୟୋଜିତ ଜିଲାସ୍ତରୀୟ ଆନ୍ତଃସିନିୟର କ୍ରିକେଟ ପ୍ରତିଯୋଗିତା-୨୦୨୧ ଉଦ୍ଯାପିତ ହୋଇଯାଇଛି। ଫାଇନାଲ୍ ମ୍ୟାଚରେ ବାରିପଦା ଡିଆର୍‌କେ-ଏ ଦଳ ରାଇରଙ୍ଗପୁର କ୍ରିକେଟ କ୍ଲବକୁ ୯୦ରନରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ଡିଆର୍‌କେ-ଏ ୪୫ ଓଭରରେ ୬ ଉଇକେଟ ହରାଇ ୩୨୨ ରନ ସଂଗ୍ରହ କରିଥିଲା। ବର୍ଷା ପାଇଁ ବାଧାପ୍ରାପ୍ତ ହୋଇଥିବା ଖେଳକୁ ୨୫ଓଭର ମଧ୍ୟରେ ସୀମିତ ରଖାଯାଇଥିଲା । ଜବାବରେ ରାଇରଙ୍ଗପୁର ଦଳ ୨୪.୫ ଓଭରରେ ୩ ଉଇକେଟ ହରାଇ ୧୦୪ ରନ ସଂଗ୍ରହ କରିଥିଲା। ମ୍ୟାଚକୁ ଦିଲ୍ଲୀପ ଦାସ ଓ ଦେବାଶିଷ ଗୁପ୍ତା ପରିଚାଳନା କରିଥିଲେ। ଜିଲା ଆଥଲେଟିକ ଆସୋସିଏସନର ଉପସଭାପତି ଗିରିଶ ଚନ୍ଦ୍ର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆସୋସିଏସନର ସାଧାରଣ ସମ୍ପାଦକ କିଶୋର କୁମାର ବିଶ୍ୱାଳ, ବିଶିଷ୍ଟ କ୍ରୀଡ଼ାବିତ ଗୌରିଶଙ୍କର ସିହ୍ନା ଓ ସରୋଜ କୁମାର ବୋଷ ଉପସ୍ଥିତ ରହି ଓସିଏ ଭିଜନ-୨୦୨୪ ଉପରେ ଆଲୋକପାତ କରିଥିଲେ। ସୋମନାଥ ସିଂହ ମଞ୍ଚ ପରିଚାଳନା କରିଥିଲେ। ପ୍ରକାଶ ଥାଉକି, ଟୁର୍ନାମେଣ୍ଟର ସଫଳ ଖେଳାଳିଙ୍କୁ ନେଇ ମୟୂରଭଞ୍ଜ ଜିଲା କ୍ରିକେଟ ଦଳ ଚୟନ କରାଯିବ। ଆଗାମୀ କଳାହାଣ୍ଡି କ୍ଲବ କ୍ରିକେଟ ଟୁର୍ନାମେଣ୍ଟରେ ସେମାନେ ଅଂଶଗ୍ରହଣ କରିବେ ବୋଲି ଆସୋସିଏସନର ସମ୍ପାଦକ ବିଶ୍ୱାଳ ସୂଚନା ଦେଇଛନ୍ତି।

# ୪୦ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

ବାରିପଦା ଅଫିସ,୧୩।୪


ଜବତ ବ୍ରାଉନସୁଗାର ଓ ଟଙ୍କା।

ମୟୂରଭଞ୍ଜ ଜିଲା ବାରିପଦା ଟାଉନ ପୋଲିସ ମଙ୍ଗଳବାର ଚଢ଼ାଉ କରି ୪୧୭ ଗ୍ରାମ ଓଜନର ବ୍ରାଉନ ସୁଗାର ଓ ୩୪ ହଜାର ଟଙ୍କା ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଟାଉନ ଥାନା ଅଧୀନ ତକତପୁର କାଳିମନ୍ଦିର ଗଳିର ଗୋବିନ୍ଦ ଚନ୍ଦ୍ର ପାଲ। ଜବତ ବ୍ରାଉନ ସୁଗାରର ଆନୁମାନିକ ମୂଲ୍ୟ ୪୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ପରମାର ସ୍ମିଥ ପୁରୁଷୋତ୍ତମ ଦାସ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା (ନଂ. ୩୬୭/୨୧) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

ସୂଚନା ଅନୁଯାୟୀ, ଗୋବିନ୍ଦ ପୂର୍ବରୁ ବ୍ରାଉନ ସୁଗାର କାରବାରରେ ସମ୍ପୃକ୍ତ ରହି ଗିରଫ ହୋଇଥିଲେ । ଏକ ଆନ୍ତଃରାଜ୍ୟ ରାକେଟରେ ସାମିଲ ହୋଇ ଏହି କାରବାର ଚଳାଉ ଥିବା ବେଳେ ପୋଲିସର ସ୍ୱତନ୍ତ୍ର ସ୍କ୍ୱାଡ୍ ତାଙ୍କ ଉପରେ ନଜର ରଖିଥିଲା। ତେବେ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ପୋଲିସ ମଙ୍ଗଳବାର ତାଙ୍କ ଘରେ ଚଢ଼ାଉ କରି ବିପୁଳ ପରିମାଣର ବ୍ରାଉନ ସୁଗାର ଜବତ କରିଥିଲା। କିଛି ଦିନ ପୂର୍ବରୁ ବାରିପଦା ଟାଉନରୁ ୧୫କି.ମି. ଦୂର କୁଳିଅଣା ଥାନା ଖାଣ୍ଡିଆ ଗ୍ରାମର ବାଲୁକେଶ୍ୱର ଦାସଙ୍କ ଘରେ ପୋଲିସ ଚଢ଼ାଉ କରି ୬୦କେ.ଜି. ଗଞ୍ଜେଇ ଜବତ କରିଥିଲା। ଦିନକୁ ଦିନ ବାରିପଦା ସହରରେ ନିଶାଦ୍ରବ୍ୟ କାରବାର ବୃଦ୍ଧି ପାଉଥିବା ବେଳେ ପଡ଼ୋଶୀ ପଶ୍ଚିମବଙ୍ଗ ରାଜ୍ୟରୁ ବ୍ୟବସାୟୀମାନେ ୧୮ନଂ. ଜାତୀୟ ରାଜପଥ ଦେଇ ନିର୍ଭୟରେ କାରବାର ଚଳାଉଛନ୍ତି। ସହରର ଯୁବପିଢ଼ି ଓ ଛାତ୍ରୀଛାତ୍ର ନିଶା ସେବନ କରି ପଥଭ୍ରଷ୍ଟ ହେଉଛନ୍ତି। ଅନ୍ଧାରିଗଳି, ପରିତ୍ୟକ୍ତ ଗୃହ ଓ ବଣଜଙ୍ଗଲରେ ଲୁଚିଛପି ନିଶା ସେବନ କରୁଛନ୍ତି । ନିଶା କାରବାର ବୃଦ୍ଧି ପାଇବା ଯୋଗୁ ସହରରେ ଅପରାଧ ବଢ଼ିବାରେ ଲାଗିଛି। ତେବେ ଆବଶ୍ୟକତାଠାରୁ ଅଧିକ ପରିମାଣରେ କର୍ମଚାରୀ ନିଯୁକ୍ତି କରାଗଲେ ଅପରାଧିଙ୍କୁ ସହଜରେ ଧରାଯାଇ ପାରିବ ବୋଲି ଟାଉନ ଥାନାଧିକାରୀ ବୀରେନ୍ଦ୍ର ସେନାପତି ପ୍ରକାଶ କରିଛନ୍ତି ।

## ବଜ୍ରପାତରେ ଘର ଜଳିଗଲା

**ବନ୍ତ,(ଡି.ଏନ୍.ଏ.):** ଭଦ୍ରକ ଜିଲା ବନ୍ତ ବ୍ଲକ ଚଣ୍ଡିପୁର ଗ୍ରାମରେ ମଙ୍ଗଳବାର ବଜ୍ରପାତ ଯୋଗୁ ସେକ୍ ହବିବୁର ରହେମନଙ୍କ ଏକ ବଖରା ଘର ଜଳି ଯାଇଥିବା ଜଣାଯାଇଛି । ଖବର ପାଇ ଆଗରପଡା ଦମଳକ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିକାଣ୍ଡରେ ଘର ସମେତ ବହୁ ଆସବାବପତ୍ର ନଷ୍ଟ ହୋଇଥିବା ସୂଚନା ମିଳିଛି ।

## ଆଜି କ'ଣ କେଉଁଠି

**ବାଲେଶ୍ୱର**

- କୋଇଲି ଓଷା, ହରିହାଟ ଉପଲକ୍ଷେ କଳସ ଉତ୍ତୋଳନ। ସ୍ଥାନ: ଉପର କରଞ୍ଜବିଧା ଗ୍ରାମ। ସମୟ: ଅପରାହ୍ନ ୨ଟା।
- ୧୩୦ତମ ଆମ୍ବେଦକର ଜୟନ୍ତୀ। ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା।ସଭା ଗୃହ। ସମୟ: ପୂର୍ବାହ୍ନ ୯ଟା

**ଭଦ୍ରକ**

- ମା' ସ୍ୱର୍ଣ୍ଣମୟୀଙ୍କ ପୀଠରେ ବାର୍ଷିକୋତ୍ସବ। ସ୍ଥାନ: ଭଣ୍ଡାରଗଡ଼ିଆ। ସମୟ: ସକାଳ ୯ଟା।
- ଗଣଚଣ୍ଡୀଙ୍କ ପୀଠରେ ବାର୍ଷିକୋତ୍ସବ। ସ୍ଥାନ: ଗଡ଼ଚଣ୍ଡୀ, ଟିଲୋ। ସମୟ: ସକାଳ ୭ଟା।
- ହରିହାଟ କାର୍ଯ୍ୟକ୍ରମ। ସ୍ଥାନ: ଜଗନ୍ନାଥ ମନ୍ଦିର, ଗଣିଜାଙ୍ଗ ବଜାର। ସମୟ: ରାତି ୯ଟା।
- ଡ. ବି.ଆର୍. ଆମ୍ବେଡକରଙ୍କ ଜୟନ୍ତୀ। ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ। ସମୟ: ସକାଳ ୮ଟା।

## ସଂକ୍ଷେପରେ

### ଆଜିଠୁ ମାଛ ଧରାଳିଙ୍କୁ ସମୁଦ୍ର ମନା

୬୧ ଦିନିଆ କଟକଣା ଜାରି କଲା ମତ୍ସ୍ୟ ବିଭାଗ

**ଭଦ୍ରକ ଅଫିସ, ୧୩।୪:** ବୁଧବାରଠାରୁ ସମୁଦ୍ରକୁ ମାଛ ଧରିବାକୁ ଯାଇପାରିବେନି ଧୀବର ମାନେ। ବାଲେଶ୍ୱର ଅତିରିକ୍ତ ମତ୍ସ୍ୟ ଅଧିକାରୀ(ସାମୁଦ୍ରିକ)ଙ୍କ ପକ୍ଷରୁ ଏନେଇ କଟକଣା ଜାରି କରାଯାଇଛି। ଏପ୍ରିଲ୍ ୧୪ରୁ ଜୁନ୍ ୧୫ ତାରିଖ ୬୧ ଦିନ ପର୍ଯ୍ୟନ୍ତ ମାଛଧରାଳିମାନେ ଯାନ୍ତ୍ରିକ ବୋଟ ଧରି ସମୁଦ୍ର ଭିତରକୁ ଯାଇପାରିବେ ନାହିଁ। କେନ୍ଦ୍ର ସରକାରଙ୍କ ମତ୍ସ୍ୟ ବିଭାଗ ଗତ କିଛି ବର୍ଷ ଧରି ଏହିଭଳି କଟକଣା ଜାରିକରି ଆସୁଥିବା ଜଣାପଡ଼ିଛି। ଏହି ସମୟରେ ମାଛମାନେ ଅଣ୍ଡା ଦେଇ ଜାଆଁଳ ସୃଷ୍ଟି କରିଥାନ୍ତି। ଏଣୁ ମାଛ ସଂରକ୍ଷଣ ଓ ବୃଦ୍ଧି ନିମନ୍ତେ ଏହି କଟକଣା ଜାରି କରାଯାଇଥାଏ। ମାଛ ବଂଶ ବୃଦ୍ଧି ପାଇଁ ସରକାରୀ ନିର୍ଦ୍ଦେଶକୁ ଧାମରା ଫିସରୀ ସଂଘ ପକ୍ଷରୁ ସ୍ୱାଗତ କରାଯାଇଛି।

### ଭଦ୍ରକରେ ୩୦ ନୂଆ କରୋନା ପଜିଟିଭ୍

**ଭଦ୍ରକ ଅଫିସ,୧୩।୪:** ଭଦ୍ରକ ଜିଲାରୁ ପୁଣି ୩୦ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ମୋଟ ସଂକ୍ରମିତଙ୍କ ସଂଖ୍ୟା ୭୭୩୬ରେ ପହଞ୍ଚିଛି। ୭୫୨୪ ଆକ୍ରାନ୍ତ ସୁସ୍ଥ ହୋଇଥିବା ବେଳେ ଏବେ ଆଉ ୧୮୭ଜଣ ଚିକିତ୍ସିତ ହେଉଛନ୍ତି।

### ବାଇକ୍ ଧକ୍କାରେ ବ୍ୟବସାୟୀଙ୍କ ମୃତ୍ୟୁ

**ଉଦଳା,୧୩।୪(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଉଦଳା ବଜାରରେ ଉଠା ଦୋକାନ ବ୍ୟବସାୟ କରି ଗୁଜୁରାଣ ମେଣ୍ଟାଉଥିବା ଜଣେ ବ୍ୟବସାୟୀ ବାଇକ୍ ଧକ୍କାରେ ପ୍ରାଣ ହରାଇଛନ୍ତି। ସେ ହେଲେ ଭୀମ ଚରଣ କବାଟ। ତାଙ୍କ ଘର ଉଦଳା ଥାନା ଅଧୀନ ବାଉଁଶପାଳ ଗ୍ରାମରେ। ସୋମବାର ସନ୍ଧ୍ୟାରେ ସେ ନିଜର ଦୋକାନ ବନ୍ଦ କରି ଘରକୁ ଫେରୁଥିଲା ବେଳେ ପୁରୁଣାପାଣି ଛକ ନିକଟରେ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରୁ ପିଆର୍‌ଏମ୍ ମେଡିକାଲକୁ ସ୍ଥାନାନ୍ତର କରାଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଦୁର୍ଘଟଣାରେ ବାଇକ୍ ଆରୋହୀ ଜଣକ ମଧ ଗୁରୁତର ଆହତ ହୋଇଛନ୍ତି। ଏନେଇ ପୋଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ କଳସ ଯାତ୍ରା

**ଚମ୍ପୁଆ, ୧୩।୪(ଡି.ଏନ.ଏ.):** କେନ୍ଦୁଝର ଜିଲା ଚମ୍ପୁଆ ଏନ୍‌ଏସି ଅନ୍ତର୍ଗତ ଗୋଧୂଳି ଗ୍ରାମର ବୈତରଣୀ ନଦୀ ତଟ ରାମତୀର୍ଥ ଠାରେ ଶ୍ରୀ ଶ୍ରୀ ବିଶ୍ୱରୂପାୟ ମହାଦେବଙ୍କର ମନ୍ଦିର ପ୍ରତିଷ୍ଠା ଉତ୍ସବ ପରିପ୍ରେକ୍ଷୀରେ ମଙ୍ଗଳବାର ଏକ ବିରାଟ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଶ୍ୱରୂପାୟ ମହାଦେବ ଟ୍ରଷ୍ଟ ଗୋଧୂଳି ଦ୍ୱାରା ନିର୍ମିତ ଏହି ମନ୍ଦିର ପ୍ରତିଷ୍ଠା ଉତ୍ସବ ୩ ଦିନ ଧରି ଚାଲିବ ବୋଲି ସଭାପତି ସୁରେନ୍ଦ୍ର ନାଏକ ସୂଚନା ଦେଇଥିବା ବେଳେ ମଙ୍ଗଳବାର ଗ୍ରାମର ସମସ୍ତ ଗୃହରୁ ଜଣେ ଲେଖାଏଁ ମହିଳା ଏହି କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶଙ୍ଖ ନାଦ ସହ ଭଜନ କୀର୍ତ୍ତନ ଆଦି କରାଯାଇ ସକାଳେ ସ୍ଥାନୀୟ ମହିଳା ମାନେ ଦିତୀୟ ଗଙ୍ଗା ବୈତରଣୀ ନଦୀରୁ ପବିତ୍ର ପୂର୍ଣ୍ଣ କଳସ ଧରି ଯାତ୍ରା ଆରମ୍ଭ କରି ଘଟ ସ୍ଥାପନ କରିଥିଲେ।

# ଉନ୍ନୟନ କାର୍ଯ୍ୟ, କୋଭିଡ୍ ପରିଚାଳନା ସମୀକ୍ଷା

**ବାଲେଶ୍ୱର ଅଫିସ,୧୩।୪**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ୫ଟି ସଚିବ ଭି.କେ.ପାଣ୍ଡିଆନ, ପୂର୍ତ୍ତ ବିଭାଗ ଶାସନ ସଚିବ ଡ. କିଷନ କୁମାର ବାଲେଶ୍ୱର ଗସ୍ତ କରି ସହରର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର କ୍ଷେତ୍ରସ୍ତରୀୟ ପରିଦର୍ଶନ ଓ ସମୀକ୍ଷା କରିଛନ୍ତି। ଗସ୍ତ ସମୟରେ ମୁଖ୍ୟ ଶାସନ ସଚିବ


ଫକୀରମୋହନ ସରକାରୀ ମେଡ଼ିକାଲ କଲେଜର ସ୍ଥିତି ଅନୁଧ୍ୟାନ କରାଯାଉଛି।

## ମୁଖ୍ୟ ଶାସନ ସଚିବ, ୫-ଟି ସଚିବଙ୍କ ବାଲେଶ୍ୱର ଗସ୍ତ

ମହାପାତ୍ର ବାଲେଶ୍ୱର ଜିଲାରେ କୋଭିଡ୍ ସ୍ଥିତି ଏବଂ ଏହାର ପରିଚାଳନା ନିମନ୍ତେ ହୋଇଥିବା ପ୍ରସ୍ତୁତିର ସମୀକ୍ଷା କରିଥିଲେ ।

ପ୍ରଶାସନିକ ଟିମ୍ ପୂର୍ବାହ୍ନ ୭ଟା ୩୦ମିନିଟ୍‌ରେ ବାଲେଶ୍ୱର ପୋଲିସ ଲାଇନ୍ ପଡ଼ିଆରେ ହେଲିକପ୍ଟରରୁ ଅବତରଣ କରିଥିଲେ। ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଓ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ତାଙ୍କୁ ସ୍ୱାଗତ କରିଥିଲେ। ପରେ ଅଧିକାରୀମାନେ କୁରୁଡା ଜଙ୍କସନ୍, କୁରୁଡାରୁ ତାମୁଳିଆ ପର୍ଯ୍ୟନ୍ତ ରାସ୍ତା, ତାମୁଳିଆରୁ ଷ୍ଟେଶନ ଛକ ପର୍ଯ୍ୟନ୍ତ ରାସ୍ତା, ବାଲେଶ୍ୱର ବସ୍‌ଷ୍ଟାଣ୍ଡ, ସହଦେବଖୁଣ୍ଟାରୁ ରେମୁଣା ଗୋଲେଇ ପର୍ଯ୍ୟନ୍ତ ରାସ୍ତା, ଫକୀରମୋହନ ମେଡିକାଲ କଲେଜର ନିର୍ମାଣାଧୀନ ୬୫୦ ଶଯ୍ୟା ବିଶିଷ୍ଟ ଶିକ୍ଷାଦାନ ହସ୍‌ପିଟାଲ, ହରିପୁରରୁ ଦହପଡ଼ା ପର୍ଯ୍ୟନ୍ତ ବଳଙ୍ଗ ନଦୀତଟ ଓ ପାର୍କ ପାଇଁ ପ୍ରସ୍ତାବିତ ପ୍ରକଳ୍ପ ବୁଲି ଦେଖିବା ସହ ଏହାର ସମୀକ୍ଷା କରିଥିଲେ। ସେଠାରୁ ଫେରି ଲେଭଲ କ୍ରସିଂ ୭୯ ଉପରେ ନିର୍ମାଣାଧୀନ ଓଭରବ୍ରିଜ ପରିଦର୍ଶନ କରିଥିଲେ। ମୁଖ୍ୟ ଶାସନ ସଚିବ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ସେଠାରେ କୋଭିଡ୍ ପରିଚାଳନାର ସମୀକ୍ଷା କରିଥିଲେ। ପରେ ବାଲେଶ୍ୱର ଜିଲା ସ୍କୁଲ ଗସ୍ତ କରି ବିଜ୍ଞାନ ପରୀକ୍ଷାଗାର ଏବଂ ବିଦ୍ୟାଳୟର ଶୈକ୍ଷିକ ପରିବେଶର ସମୀକ୍ଷା କରିଥିଲେ। ମୋ ସ୍କୁଲ ଅଭିଯାନରେ ସାମିଲ ହୋଇଥିବା ପୂର୍ବତନ ଛାତ୍ରମାନଙ୍କ ସହ ଆଲୋଚନା କରି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଜିଲା ସ୍କୁଲର ୧୯୫୨ ମସିହା ଛାତ୍ର ତଥା ପୂର୍ବତନ ଷ୍ଟେଟ୍‌ବ୍ୟାଙ୍କ ମୁଖ୍ୟ ପ୍ରବନ୍ଧକ ତୁଳସୀ ରଞ୍ଜନ ମିଶ୍ର ସହରସ୍ଥିତ ୪ ସ୍କୁଲକୁ ୮ଲକ୍ଷ ଟଙ୍କା ପ୍ରଦାନ କରିଥିବାରୁ ମୁଖ୍ୟ ଶାସନ ସଚିବ ମହାପାତ୍ର ତାଙ୍କୁ ସାଧୁବାଦ ଜଣାଇଥିଲେ।

ବାଲେଶ୍ୱର ସହରର ଭିତ୍ତିଭୂମି ଓ ସେବା ଯୋଗାଣ ବ୍ୟବସ୍ଥା ଆଦିର ପୂର୍ଣ୍ଣାଙ୍ଗ ବିକାଶ ନିମନ୍ତେ ରହିଥିବା ବିଭିନ୍ନ ଆବଶ୍ୟକତା ଅନୁଧ୍ୟାନ ପାଇଁ ଏହି ଟିମ୍ ବାଲେଶ୍ୱର ଗସ୍ତ କରିଥିଲେ। ଏହି ଟିମ୍ ମୁଖ୍ୟମନ୍ତ୍ରୀଙ୍କୁ ବାସ୍ତବ ସ୍ଥିତି ଓ ଆବଶ୍ୟକତା ବିଷୟରେ ପୂର୍ଣ୍ଣ ବିବରଣୀ ପ୍ରଦାନ କରିବେ ବୋଲି ମୁଖ୍ୟ ଶାସନ ସଚିବ ମହାପାତ୍ର କହିଥିଲେ। ଏହି ଟିମ୍ ସହ ଅତିରିକ୍ତ ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ପୂର୍ବାଞ୍ଚଳ ଆରକ୍ଷୀ ମହାନିରୀକ୍ଷକ ଦୀପ୍ତେଶ ପଟ୍ଟନାୟକ, ଜିଲା ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲସେନ ଜଗଦ୍ଦେବ, ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ନୀଲୁ ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

### କଥା ରଖିଲେ ମୁଖ୍ୟମନ୍ତ୍ରୀ: କୃତଜ୍ଞତା ଜଣାଇଲେ ଦଳୀୟ ନେତା

**ବାଲେଶ୍ୱର ଅଫିସ**-ବାଲେଶ୍ୱର ଉପନିର୍ବାଚନ ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାଲେଶ୍ୱର ନିର୍ବାଚନମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତି ଦାୟିତ୍ୱ ନେଇଥିବା ଘୋଷଣା କରିଥିଲେ। କଥା ରଖି ମଙ୍ଗଳବାର ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ୫-ଟି ସଚିବ ଭି.କେ. ପାଣ୍ଡିଆନ, ପୂର୍ତ୍ତ ସଚିବ କିଷନ କୁମାରଙ୍କ ଦ୍ୱାରା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ତଦାରଖ କରାଇ ପୌରାଞ୍ଚଳର ଉନ୍ନତି ପାଇଁ ବିଭିନ୍ନ ପ୍ରକଳ୍ପ ନିମନ୍ତେ ୧୫୫କୋଟି ଟଙ୍କା ଅନୁମୋଦନ କରିଥିବା ଘୋଷଣା କରିଛନ୍ତି। ଏଥିପାଇଁ ବାଲେଶ୍ୱର ଜିଲା ବିଜୁ ଜନତା ଦଳର ସଭାପତି ଇଂ. ରବୀନ୍ଦ୍ର କୁମାର ଜେନା, ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ, ପୂର୍ବତନ ରାଜ୍ୟ ଉପଦେଷ୍ଟା ଯଯାତି ଦାସ ପ୍ରମୁଖ ଦଳୀୟ ବରିଷ୍ଠ ନେତା ଜନସାଧାରଣଙ୍କ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଦୁଇ ଶହ ଟପିଲା ସଂକ୍ରମିତଙ୍କ ସଂଖ୍ୟା

**କେନ୍ଦୁଝର, ୧୩।୪ (ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ଜିଲାରେ କରୋନା ସଂକ୍ରମଣ ସଂଖ୍ୟା ଦୁଇ ଶହ ଟପି ୨୧୫ରେ ପହଞ୍ଚିଛି। ସୋମବାର ୨୦ଜଣ ସୁସ୍ଥ ହୋଇଥିବାବେଳେ ଗତ ୨୪ ଘଣ୍ଟା ମଧ୍ୟରେ ୫୪ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଗତ ବର୍ଷ ତୁଳନାରେ ଚଳିତ ବର୍ଷ ପଜିଟିଭ ସଂଖ୍ୟା ଦ୍ରୁତ ଗତିରେ ବଢୁଥିବାରୁ ଚିନ୍ତାର କାରଣ ହୋଇଛି । ସମସ୍ତେ ଘରେ ରହି ଚିକିତ୍ସିତ ହେଉଥିବାରୁ ଅଧିକ ବ୍ୟାପିବା ଆଶଙ୍କା ରହୁଛି । ସେହିପରି ବାହାର ରାଜ୍ୟ ଓ ଜିଲାରୁ ଅବାଧରେ ବିଭିନ୍ନ ରାସ୍ତାରେ ଟ୍ରକ ଚାଳକ, ମଜୁରିଆ, ବ୍ୟବସାୟୀ ଆଦି ଯାତାୟାତ କରୁଥିବାରୁ ବଢ଼ିବା ସମ୍ଭାବନା ରହୁଛି। ସର୍ବାଧିକ କେନ୍ଦୁଝରଗଡ଼ ପୌରପାଳିକାରେ ୧୪ ଜଣଙ୍କ କରୋନା ପଜିଟିଭ ଚିହ୍ନଟ ହୋଇଛି। ଏଣୁ କେନ୍ଦୁଝର ପୌରପାଳିକାରେ ପଜିଟିଭ ସଂଖ୍ୟା ସର୍ବାଧିକ ଥିବାରୁ ପ୍ରଶାସନ ପାଇଁ ଚିନ୍ତା ବଢ଼ାଇଛି । ଏହାସତ୍ତ୍ୱେ ଦୋକାନ ବଜାରରେ ଭିଡ଼, ବିନା ମାସ୍କରେ ଯାତାୟାତ ଆଦି କମୁ ନାହିଁ କିମ୍ବା ଏନେଇ ପ୍ରଶାସନ ପକ୍ଷରୁ ଧରପଗଡ କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। କ୍ରମାଗତ ପଜିଟିଭ ସଂଖ୍ୟା ବୃଦ୍ଧି ପାଇବାକୁ ଲାଗିଥିବାରୁ ଏନେଇ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି । ଜିଲାପାଳ ଆଶୀଷ ଥାକରେ ତଥା ସିଡିଏମଓ ଡକ୍ଟର ଅଶୋକ ଦାସ ସମେତ କୋଭିଡ୍ କେୟାର ସେଣ୍ଟର (ସିସିସି) ଯାଇ ନିରୀକ୍ଷଣ କରିଛନ୍ତି। ସେହିପରି ପରବର୍ତ୍ତୀ ସମୟରେ ଜିଲାର ବିଭିନ୍ନ ପୌରାଞ୍ଚଳରେ ଅନ୍ୟାନ୍ୟ ସିସିସିକୁ ଖୋଲିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଥିବା ଜଣାପଡିଛି ।

# ବିଭିନ୍ନ ସମସ୍ୟା ନେଇ ଖଣି ପ୍ରଭାବିତଙ୍କ ଦାବିପତ୍ର

**ରାଇରଙ୍ଗପୁର,୧୩।୪(ଡି.ଏନ୍.ଏ)**

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଉପକଣ୍ଠ ସୁଲେଇପାଟ ଲୁହାଖଣି ପ୍ରଭାବିତ ଅଞ୍ଚଳବାସୀ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସୁଲେଇପାଟ ଲୁହାଖଣି ପ୍ରଭାବିତ ବିଶୋଇ ଥାନା ଜଗନ୍ନାଥପୁର ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମାଞ୍ଚଳରେ ଖଣି ଖନନ ହେଉଥିବାରୁ ସମଗ୍ର ଅଞ୍ଚଳ ଧୂଳି ଓ ଧୂଆଁ ଯୋଗୁ ପ୍ରଦୂଷିତ ହେଉଛି। ଲଗାଣବର୍ଷାରେ ଖଣିଜ ଧୋଇ ଆସି ଆଖପାଖ ଚାଷଜମିରେ ମାଡ଼ି ଯିବାରୁ ଚାଷଜମି ନଷ୍ଟ ହେବା, ଜଙ୍ଗଲକୁ ଜାଳେଣୀ କାଠ ସଂଗ୍ରହ ସକାଶେ ଯାଉଥିବା ଗ୍ରାମବାସୀଙ୍କ ଉପରେ ଲୁହାପଥର ଖଣ୍ଡ ପଡ଼ି ମୃତ୍ୟୁ ଆଶଙ୍କା ସୃଷ୍ଟି ହୋଇଛି। ଛଟେଇ ଖଣି ଶ୍ରମିକମାନଙ୍କୁ ଖଣିକାର୍ଯ୍ୟରେ ପୁନଃ ନିଯୁକ୍ତି ଲାଗି ଗ୍ରାମବାସୀ ଦାବି କରିଛନ୍ତି। ଗ୍ରାମବାସୀ ରମେଶଚନ୍ଦ୍ର ମୁର୍ମୁ, ରାମଚନ୍ଦ୍ର ମୁର୍ମୁ, ଦେବୀଲାଲ ସୋରେନ, ନାରାୟଣ ଟୁଡୁ, ମଧୁସୂଦନ ସୋରେନ, ଛୋଟରାୟ ମୁର୍ମୁ ଏବଂ ନୁନାରାମ ଟୁଡୁଙ୍କ ସମେତ ବହୁ ସଂଖ୍ୟକ ଗ୍ରାମବାସୀ ସ୍ଥାନୀୟ ଉପ ଜିଲାପାଳଙ୍କ ଅନୁପସ୍ଥିତିରେ କାର୍ଯ୍ୟାଳୟର ମୁଖ୍ୟ କିରାଣୀ ମୁନା ଘଡେଇଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ବଦଳିଲେ ୨ ପୋଲିସ କର୍ମଚାରୀ

**ଭଦ୍ରକ ଅଫିସ, ୧୩।୪**

ମାସ୍କ ଚେକିଂ ନାଁରେ ଭଦ୍ରକ ଜିଲା ଆରଡ଼ି ଫାଣ୍ଡି ପୋଲିସ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଚଳାଇବା ଚହଳ ସୃଷ୍ଟି କରିଛି। ଏହି ଘଟଣାରେ ଏସ୍‌ପି ଚରଣ ସିଂ ମୀନା ପ୍ରାଥମିକ ତଦନ୍ତ ପରେ ଦୁଇ ପୋଲିସ କର୍ମଚାରୀଙ୍କୁ ବଦଳି କରିଛନ୍ତି। ଫାଣ୍ଡିରେ କାର୍ଯ୍ୟରତ ଏଏସ୍‌ଆଇ ପ୍ରଦୀପ ନାୟକ ଓ ହାବିଲଦାର ରମେଶ ମଲ୍ଲିକଙ୍କୁ ଜିଲା ମୁଖ୍ୟାଳୟକୁ ବଦଳି କରାଯାଇଛି। ଦୁହିଁଙ୍କ ବଦଳି ପରେ ପୋଲିସ ଆକ୍ରୋଶର ଶିକାର ହୋଇଥିବା ପରିବାର ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଦୁଇ ପୋଲିସ କର୍ମଚାରୀଙ୍କୁ ବଦଳି ପରିବର୍ତ୍ତେ କାର୍ଯ୍ୟରୁ ନିଲମ୍ବନ କରିବାକୁ ଗିରଫ ଦୁଇ ଭାଇଙ୍କ ପରିବାର ପକ୍ଷରୁ ଦାବି କରାଯାଇଛି। ପୋଲିସ ମାସ୍କ ଚେକିଂ ନାଁରେ କରିଥିବା ଗୁଣ୍ଡାଗର୍ଦ୍ଦିକୁ ମଧ ସାଧାରଣରେ ନାପସନ୍ଦ କରାଯାଇଛି। ଏ ସମ୍ପର୍କୀତ ଭାଇରାଲ ଭିଡିଓକୁ ଲକ୍ଷାଧିକ ଲୋକ ଦେଖି ନାନା କମେଣ୍ଟ ଦେଉଛନ୍ତି।

### ମାସ୍କ ଚେକିଂ ନାଁରେ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଘଟଣା

ସୂଚନାଯୋଗ୍ୟ ଯେ, ୩ ଦିନ ପୂର୍ବେ ବେତାଳିଗାଁର ସ୍ମୃତିରଞ୍ଜନ ମେକାପ ଓ ଶୁଭରଞ୍ଜନ ମେକାପ ବାଇକ୍‌ଯୋଗେ ଆରଡ଼ି ଯାଉଥିବା ସମୟରେ ଫାଣ୍ଡି ସମ୍ମୁଖରେ ମାସ୍କ ଚେକିଂର ସମ୍ମୁଖୀନ ହୋଇଥିଲେ। ଦୁଇ ଭାଇ ମାସ୍କ ପିନ୍ଧି ନ ଥିବା ଦର୍ଶାଇ ପୋଲିସ ସହିତ ଯୁକ୍ତିତର୍କ ହୋଇଥିଲା। ଦୁଇ ଭାଇ ଭିଡିଓ ଉତ୍ତୋଳନ କରିବାରୁ ପୋଲିସ ମୋବାଇଲ ଛଡ଼ାଇ ନେଇ ଉଭୟଙ୍କୁ ପିଟିବା ସହ ଅଭିଯୁକ୍ତ ଦର୍ଶାଇ କୋର୍ଟ ଚାଲାଣ କରିଥିଲା। ମାଡ଼ ମାରିଥିବା ପୋଲିସ କର୍ମଚାରୀଙ୍କୁ କାର୍ଯ୍ୟରୁ ନିଲମ୍ବନ କରିବା ପାଇଁ ଗିରଫ ଦୁଇ ଭାଇଙ୍କ ମା' ସୋମବାର ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିଲେ।

### ଫାଣ୍ଡି ଅଧିକାରୀଙ୍କୁ ସ୍ଥାନାନ୍ତର ନୁହେଁ ନିଲମ୍ବନ ଦାବି

**ଆରଡି, (ଡି.ଏନ.ଏ.):** ଭଦ୍ରକ ଜିଲା ଆରଡି ଫାଣ୍ଡିରେ ଦୁଇ ଯୁବକଙ୍କୁ ଫାଣ୍ଡି ଅଧିକାରୀଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀ ମାଡ଼ ମାରିବା ଘଟଣା ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ପୋଲିସରଏଭଳି ଅମାନୁଷିକ କାର୍ଯ୍ୟ ବିରୋଧରେ ଆରଡିର ଏକ ଘରୋଇ କଲ୍ୟାଣମଣ୍ଡପରେ ଆଖଣ୍ଡଳମଣି ନାଗରିକ ମଞ୍ଚ ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏହି ସମ୍ମିଳନୀରେ ଫାଣ୍ଡି ଅଧିକାରୀଙ୍କୁ ସ୍ଥାନାନ୍ତର ନୁହେଁ ବରଂ ତାଙ୍କୁ ଚାକିରିରୁ ନିଲମ୍ବନ କରିବାକୁ ଦାବି ହୋଇଥିଲା। ଦାବି କାର୍ଯ୍ୟକାରୀ ନ ହେଲେ କର୍ମକର୍ତ୍ତାମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି। ସ୍ୱଦେଶ ପଣ୍ଡା, ବିପ୍ଳବ ଭଞ୍ଜ, ସୁଶାନ୍ତ ଓଝା ପ୍ରମୁଖ ଏହି ସମ୍ମିଳନୀରେ ଉପସ୍ଥିତ ରହି ଉଦ୍‌ବେଗ ପ୍ରକାଶ କରିଥିଲେ।


ପ୍ରଶାସନ ପକ୍ଷରୁ ଫ୍ୟାକ୍ଟ୍ରି ସିଲ କରାଯାଉଛି।

# ତାରିଣୀ ମିନେରାଲ ଫ୍ୟାକ୍ଟ୍ରି ସିଲ୍

**ଚମ୍ପୁଆ, ୧୩।୪(ଡି.ଏନ.ଏ.)**

କେନ୍ଦୁଝର ଜିଲା ଚମ୍ପୁଆରେ ଦିନକୁ ଦିନ କରୋନା ସଂକ୍ରମଣ ବଢ଼ିବାରେ ଲାଗିଛି। ଏହାକୁ ପ୍ରତିହିତ କରିବାକୁ ନେଇ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ମାସ୍କ ଚେକିଂଠାରୁ ଆରମ୍ଭ କରି ସୀମା ଚେକିଂକୁ ଗୁରୁତ୍ୱ ଦିଆଯାଇଛି। ମଙ୍ଗଳବାର ଚମ୍ପୁଆ ବ୍ଲକ କରଞ୍ଜିଆଠାରେ

### କର୍ମଚାରୀଙ୍କୁ କରୋନା

ଥିବା ତାରିଣୀ ମିନେରାଲ ପାନୀୟଜଳ ଫ୍ୟାକ୍ଟ୍ରିରେ କାର୍ଯ୍ୟରତ ୩ଜଣ କରୋନା ଆକ୍ରାନ୍ତ ପରେ ଚମ୍ପୁଆ ତହସିଲଦାର ଡା ସାଇ ସସ୍ମିତା ହୋତାଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ନାଏକ ଉକ୍ତ ଫ୍ୟାକ୍ଟ୍ରିକୁ ୭୨ ଘଣ୍ଟା ପାଇଁ ସିଲ୍ କରବା ସହିତ ଉକ୍ତ ଅଞ୍ଚଳକୁ ନିଷିଦ୍ଧାଞ୍ଚଳ ବୋଲି ଚିହ୍ନଟ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ସୁଦର୍ଶନ, ଆରଆଇ ସସ୍ମିତା ମାଝି, ସୁଧାକର ସେଠି ଆଦି ଉପସ୍ଥିତ ଥିଲେ। ଉକ୍ତ ଫ୍ୟାକ୍ଟ୍ରିକୁ ସାନିଟାଇଜ କରାଯିବାପରେ ତଥା କର୍ମଚାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିବା ପରେ ଏହା ପୂର୍ବଭଳି କାର୍ଯ୍ୟ କରିବ ବୋଲି ତହସିଲଦାର ଡା ହୋତା ସୂଚନା ଦେଇଛନ୍ତି।

# ନଦୀଗର୍ଭରୁ ଉଦ୍ଧାର ହେଲା ରାଇବଣିଆ କଳାକୃତି

**ରାଇବଣିଆ,୧୩।୪**

ବାଲେଶ୍ୱର ଜିଲା ଜଳେଶ୍ୱର ନିକଟ ସୁବର୍ଣ୍ଣରେଖା ନଦୀର ଶିଖରପୁରସ୍ଥିତ ବରାଳ ବାଲୁକେଶ୍ୱର ହାଇସ୍କୁଲ ସମ୍ମୁଖ ନଦୀଗର୍ଭରେ ଏକ କଳାକୃତି ଶିଳାକୁ ମଙ୍ଗଳବାର କେତେଜଣ ବ୍ୟକ୍ତି ଦେଖିଥିଲେ। ସେମାନେ ବାଲି ତାଡି ଶିଳାକୁ ବାହାର କରି ନ ପାରି ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଖୁବ୍ କମ୍ ସମୟ ମଧ୍ୟରେ ନିକଟସ୍ଥ ୪/୫ଟି ଗ୍ରାମର ବହୁ ଲୋକ ସେଠାରେ ଭିଡ ଜମାଇଥିଲେ । ତାହା ଏକ ମନ୍ଦିର ଦଧିନଉତି ମନେ କରି ଜେସିବି ଲଗାଇ ବାଲି ତାଡିଥିଲେ। ଶେଷରେ ଏକ ୫ଫୁଟ ଉଚ୍ଚର ୨ଟି କଳାକୃତି ପଥର ଉଦ୍ଧାର ହୋଇଥିଲା। ଏହି ପଥର କଳାକୃତି ସହିତ ରାଇବଣିଆ ଦୁର୍ଗ ପଥର ସହିତ ସାମଞ୍ଜସ୍ୟ ଥିବା କୁହାଯାଇଛି। ଏହାକୁ ହାଟପଦା ବରଗଛ ମୂଳରେ ରଖି ପୂଜାର୍ଚ୍ଚନା ଆରମ୍ଭ କରାଯାଇଛି।


ଉଦ୍ଧାର କଳାକୃତି।

# ସହାୟତା ଟଙ୍କା ପାଇଲେ ମୃତକଙ୍କ ସ୍ତ୍ରୀ

**ସାରସକଣା,୧୩।୪**

**ଧରିତ୍ରୀ ପ୍ରଭାବ**

■ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ୍‌ରେ ଟଙ୍କା ନ ଥିବା ଘଟଣା

ଟ୍ରାକ୍ଟର ଦୁର୍ଘଟଣାରେ ପ୍ରାଣ ହରାଇଥିବା ଜଣେ ବ୍ୟକ୍ତିଙ୍କ ସ୍ତ୍ରୀ ଶେଷରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡ୍ ସହାୟତା ୨ଲକ୍ଷ ଟଙ୍କା ପାଇଛନ୍ତି। ଚେକ୍ ବାଉନ୍ସ କାରଣରୁ ସେ ହତାଶ ହୋଇପଡ଼ିଥିଲେ। ଏନେଇ ୧୨ ତାରିଖ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ସୋମବାର ମୃତକଙ୍କ ସମ୍ପର୍କୀୟଙ୍କୁ ଆଉ ଏକ ନୂଆ ଚେକ୍ ମିଳିଥିଲା। ମଙ୍ଗଳବାର ତାଙ୍କ ଆକାଉଣ୍ଟରେ ଟଙ୍କା ଜମା ହୋଇଯାଇଥିବା ମୃତକଙ୍କ ପରିବାର ଲୋକେ କହିଛନ୍ତି। ପ୍ରକାଶ ଯେ, ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅନ୍ତର୍ଗତ ମୁରୁଣିଆଠାରେ ଫେବୃୟାରୀ ୧୭ରେ ଏକ ଟ୍ରାକ୍ଟର ଓଲଟି ଗୋବିନ୍ଦପୁର ଗ୍ରାମର ବିଶ୍ୱ ହେମ୍ବ୍ରମଙ୍କ ସମେତ ୬ଜଣଙ୍କ ପ୍ରାଣହାନୀ ଘଟିଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୃତକଙ୍କ ପରିବାରକୁ ୨ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବା ପାଇଁ ଘୋଷଣା କରିଥିଲେ। ମୃତ ବିଶ୍ୱଙ୍କ ସ୍ତ୍ରୀ ମାଇଦି ହେମ୍ବ୍ରମଙ୍କୁ ମିଳିଥିବା ୨ଲକ୍ଷ ଟଙ୍କାର ଚେକ୍ ବାଉନ୍ସ ହୋଇଯାଇଥିଲା। ମାଇଦି ଏହି ଚେକ୍ ସ୍ଥାନୀୟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଜମା କରିଥିଲେ। ମାତ୍ର ଆକାଉଣ୍ଟରେ ଆବଶ୍ୟକ ଅର୍ଥ ନ ଥିବାରୁ ଚେକ୍ ବାଉନ୍ସ ହୋଇଯାଇଥିବା ବ୍ୟାଙ୍କ ଦର୍ଶାଇଥିଲା।

# ମୁଖ୍ୟ ସହଯୋଗୀ କୋର୍ଟଚାଲାଣ

**ରୂପ୍‌ସା, ୧୩।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅଞ୍ଚଳର ଜଣେ ନାବାଳିକା ଅପହରଣ ମାମଲାରେ ପୋଲିସ ଓଡ଼ିଆଶାସନ ଗ୍ରାମର ମୁଖ୍ୟ ସହଯୋଗୀ ମନୋରଞ୍ଜନ ପାଣିଗ୍ରାହୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜଣେ ଅନୁସୂଚିତ ଜାତି ସମ୍ପ୍ରଦାୟର ନାବାଳିକାଙ୍କୁ ସେହି ଗ୍ରାମର ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବକ କାଦର ଖାଁ ରାସ୍ତାରୁ ବାଇକ୍‌ରେ ବସାଇ ଅପହରଣ କରିନେଇଥିବା ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ଅକ୍ଟୋବର ୭ ତାରିଖରେ ଥାନାରେ ଏକ ମାମଲା (ନଂ. ୮୩/୨୦) ରୁଜୁ ହୋଇ ତଦନ୍ତ ଜାରି ରହିଥିଲା। ଦୀର୍ଘ ୫ମାସ ପରେ ଥାନାଧିକାରୀ କମଳାକାନ୍ତ ଦାସ ଓ ତଦନ୍ତ ଅଧିକାରୀ ନରହରି ମହାଳିକ ଗତ ମାର୍ଚ୍ଚ ୬ ତାରିଖରେ ବାରିପଦାରେ ଚଢ଼ାଉ କରି ଅଭିଯୁକ୍ତ କାଦର ଖାଁଙ୍କୁ ଗିରଫ କରିଥିଲେ। ଉଭୟଙ୍କ ଡାକ୍ତରୀମାଇନା ପରେ କୋର୍ଟରେ ହାଜର କରାଯାଇ ପୀଡ଼ିତା ଓ ଅଭିଯୁକ୍ତଙ୍କ ବୟାନ ରେକର୍ଡ଼ କରାଯାଇଥିଲା। ଅଭିଯୁକ୍ତ ମନୋରଞ୍ଜନ ପାଣିଗ୍ରାହୀ ମୋବାଇଲରେ ଧମକଚମକ ଦେଇ ତାଙ୍କୁ ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବକଙ୍କ ଦ୍ୱାରା ଅପହରଣ କରାଇଥିଲେ ବୋଲି ପୀଡ଼ିତା ନାବାଳିକା କୋର୍ଟରେ ବୟାନ ଦେଇଥିଲେ। ଏହାପରେ ସିକ୍ସ-ପୋକ୍ସୋ ଆକ୍ଟ ଏସ୍‌ସିଏସ୍‌ଟି ମାମଲା ଅନୁଯାୟୀ ବସ୍ତା ଏସ୍‌ଡିପିଓ ଜଳନ୍ଧର ଜାଲିଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଥିଲା। ଅଭିଯୁକ୍ତ କାଦର ଖାଁଙ୍କୁ କୋର୍ଟଚାଲାଣ କରାଯାଇ ଉଦ୍ଧାର ନାବାଳିକାଙ୍କୁ ବାଲେଶ୍ୱର ନାରୀସଂଘକୁ ହସ୍ତାନ୍ତର କରାଯାଇଥିଲା।

# ପୂର୍ବତନ କଂଗ୍ରେସ ଜିଲା ଯୁବ ସଭାପତିଙ୍କ ଇସ୍ତଫା

**କେନ୍ଦୁଝର,୧୩।୪ (ସ୍ୱ.ପ୍ର.)**

ପୂର୍ବତନ କଂଗ୍ରେସ ଜିଲା ଯୁବ ସଭାପତି ପାର୍ଥ ସାରଥୀ ପହି ଦଳର ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିକଟକୁ ପଠାଇଛନ୍ତି। ପୂର୍ବରୁ ତାଙ୍କ ସ୍ତ୍ରୀ ତଥା ବଡ଼ଚଣାର ବିଧାୟିକା ପ୍ରାର୍ଥୀ ସ୍ମୃତିରେଖା ମଧ ଦଳରୁ ଇସ୍ତଫା ଦେଇସାରିଛନ୍ତି। ଏହା ପରେ ଉଭୟ କେଉଁ ଦଳରେ ମିଶିବେ ସ୍ପଷ୍ଟ କରି ନ ଥିଲେ ହେଁ ବୁଧବାର ଜଣାଇବେ ବୋଲି କହିଛନ୍ତି। ତେବେ ସପତ୍ନୀକ ଭାଜପାରେ ସାମିଲ ହେବେ ବୋଲି ଚର୍ଚ୍ଚା ହେଉଛି। କଂଗ୍ରେସରେ ତିନି ପିଢ଼ି ଧରି ସାମିଲ ହୋଇ କାମ କରିଆସିଥିବା ଏହି ପରିବାରରେ ପାର୍ଥଙ୍କ ବାପା ସ୍ୱର୍ଗତ ବନ ବିହାରୀ ପହି ଜିଲା କଂଗ୍ରେସ ସଭାପତି ଥିଲେ ଏବଂ ଜେଜେ ମା' ଜିଲା ପରିଷଦ ଅଧକ୍ଷା ଥିଲେ। କଂଗ୍ରେସ ଦଳରେ ପୁରୁଣା ତଥା ପୁରୁଖା କର୍ମୀ ଅଲୋଡା ହୋଇ ପଡ଼ିଛନ୍ତି। ସେହିପରି ବାହାରୁ ଆସିଥିବା ନେତାଙ୍କୁ ସଂଗଠନରେ ପ୍ରମୁଖ ଦାୟିତ୍ୱ ଦିଆଯାଉଛି। କାମ କରିବାକୁ ସୁଯୋଗ ମିଳୁନାହିଁ। ଏଣୁ ସେ କଂଗ୍ରେସ ଛାଡ଼ିଲେ ବୋଲି ପାର୍ଥସାରଥୀ କହିଛନ୍ତି। ଏନେଇ ଜିଲା କଂଗ୍ରେସ ସଭାପତି ବିପ୍ଳବ ମିଶ୍ରଙ୍କୁ ପଚାରିବାରୁ ସେ ଏ ବିଷୟରେ ଅବଗତ ନାହାନ୍ତି ବୋଲି କହିଛନ୍ତି।

# ଚୈତ୍ରପର୍ବ, ଛଉନୃତ୍ୟ ପରିବେଷିତ



ମଞ୍ଚରେ ଉପସ୍ଥିତ କଳାକାରମାନେ।

**ବାରିପଦା ଅଫିସ,୧୩।୪**

ମୟୂରଭଞ୍ଜ ଛଉ ନୃତ୍ୟ ପ୍ରତିଷ୍ଠାନ ଆନୁକୂଲ୍ୟରେ ଚୈତ୍ର ପର୍ବ ଓ ବିଶ୍ୱ ପ୍ରସିଦ୍ଧ ଛଉ ନୃତ୍ୟ ମଙ୍ଗଳବାର ଛଉ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ତରସାହି ଓ ଦକ୍ଷିଣସାହି ଛଉ ନୃତ୍ୟ ଓସ୍ତାଦମାନେ ପ୍ରଦୀପ ପ୍ରଜ୍ଜ୍ୱଳନ କରିଥିବା ବେଳେ କଳାକାରମାନଙ୍କୁ ନେଇ ଛଉ ନୃତ୍ୟ ପରିବେଷଣ ହୋଇଥିଲା। ସାମାଜିକ ଦୂରତା ଓ ମାସ୍କ ପରିଧାନ କରି ଦର୍ଶକ ଓ ଛଉପ୍ରେମୀମାନେ ଛଉନୃତ୍ୟକୁ ଉପଭୋଗ କରିଥିଲେ। କୋଭିଡ୍ କଟକଣା ପାଇଁ ଗତବର୍ଷ ଏହା ବନ୍ଦ ରହିଥିଲା। ଛଉ କଳାକାର ସଂଘ ଓ ଭଞ୍ଜ ସେନା ପକ୍ଷରୁ ଚୈତ୍ର ପର୍ବ ପାଳନ ପାଇଁ କରାଯାଇଥିବା ଦାବିକୁ ନେଇ ଜିଲା ପ୍ରଶାସନ ପକ୍ଷରୁ ଚଳିତ ବର୍ଷ ୩ଦିନ ପରିବର୍ତ୍ତେ ଗୋଟିଏ ଦିନ ମଧ୍ୟରେ ଔପଚାରିକତା ମଧ୍ୟରେ ପାଳନ କରାଯାଇଛି । କଟକଣା ଦୃଷ୍ଟିରୁ ଯାତ୍ରା ଘଟ ଓ ନିଶା ଘଟକୁ ନେଇ ଆସୁଥିବା ପାଟଭକ୍ତାମାନେ ଚଳିତ ବର୍ଷ ଛଉ ପଡ଼ିଆକୁ ଆସିନାହାନ୍ତି । ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବୀନ୍ଦ୍ର କୁମାର ନାୟକ ଓ ଅଧିକାରୀଗଣ ଉପସ୍ଥିତ ଥିଲେ।

